# Akashvani, Sambalpur

## SAMBALPURI NEWS EVENING BULLETIN

**27 August 2025- 7.02 pm- 7.12 pm.**

*******************************************

୧- ଚାଷୀମାନେ ସମୃଦ୍ଧ ହେଲେ ରାଜ୍ୟ ବିକଶିତ୍ ଆଉ ଆତ୍ମନିର୍ଭରଶୀଲ୍ ହେଇପାର୍‌ବା- କହେଲେ ମୁଖ୍ୟମନ୍ତ୍ରୀ ।

- ସିଏମ୍ କିଷାନ୍ ହିତାଧିକାରୀଙ୍କୁ ବାଂଟ୍‌ଲେ ୩ ନମ୍ବର୍ କିସ୍ତି ସାହାଜ୍ ଟଙ୍କା ।

୨- ଭୁବ୍‌ନେଶ୍ୱର୍ ଠାନେ ଆଏବା ଶୁକ୍ରବାର୍ ଦିନ ମୁଲ୍ ହେବା ସଂସଦ୍ ଆଉ ରାଜ୍ୟ ବିଧାନ୍‌ସଭାର ଅନୁସୂଚିତ ଜାତି ଆଉ ଜନଜାତି କଲ୍ୟାଣ୍ ସମିତି ଅଧ୍ୟକ୍ଷଙ୍କର୍ ୨ ଦିନିଆ ସମ୍ମିଳନୀ ।

୩- ସାରା ରାଏଜେ ଆଏଜ୍ ଉସତ୍ ଉସ୍‌ନାକିଥି ପାଲିତ୍ ହେଉଛେ ଗଣେଶ୍ ପୂଜା ।

ଆଉର୍

୪- ସଖାଲ୍‌ପାଏଲେ ଗଣପର୍ବ ନୂଆଖାଇ । ପଶ୍ଚିମ ଓଡ଼ିଶାର୍ ଗାଁ ନୁ ସହର୍ ହେଇଛେ ଗହଲ୍‌ଚହଲ୍ ।

ସି.ଏମ୍. କିଷାନ-ମୁଖ୍ୟମନ୍ତ୍ରୀ I&PR

ରାଏଜେ ଚାଷୀମାନ୍‌କର୍ କମାନିକେ ବଢ଼ାବାର୍ ଉପ୍‌ରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଜୋର୍ ଦେଇଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍, ୬୦ ପ୍ରତିଶତ୍‌ନୁ ଅଏତ୍‌କା ଲୋକ୍ ଚାଷ୍ ଆଉ ଆନୁସଙ୍ଗିକ୍ ଚାଷ୍ ସହେତେ ଜୁଡ଼ି ହେଇକରି ଅଛନ୍ । ପଶ୍ଚିମ ଓଡ଼ିଶାର୍ ମହାନ୍ ଗଣପର୍ବ ନୂଆଖାଇ ପାଲନ୍ ଆଘୋନୁ ଆଏଜ୍ ସି.ଏମ୍. କିଷାନ୍ ହିତାଧିକାରୀମାନ୍‌କୁ ୩ ନମ୍ବର୍ କିସ୍ତି ସାହାଜ୍ ଟଙ୍କା ବଂଟାଯାଇଛେ । ଭୁବ୍‌ନେଶ୍ୱର୍ କୃଷି ଶିକ୍ଷା ସଦନ୍ ଠାନେ ହେଇଥିବା ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗ୍ ଦେଇକରି ସାହାଜ୍ ଟଙ୍କା ବାଂଟିଛନ୍ । ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର୍ ଡିବିଟି ଜରିଏ ଚାଷୀମାନ୍‌କର୍ ବେଙ୍କର୍ ଖାତାକେ ସିଧାସଲଖ୍ ୨ ହଜାର୍ ଟଙ୍କାଲେଖା ପଠାଯାଇଛେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍, ଚାଷୀମାନେ ସମୃଦ୍ଧ ହେଲେ ରାଜ୍ୟ ବିକଶିତ୍ ଆଉ ଆତ୍ମନିର୍ଭରଶୀଲ୍ ହେଇପାର୍‌ବା । ଇହାଦେତକ୍ କୃଷକ୍ ସମୃଦ୍ଧି ଯୋଜ୍‌ନାଥି ୨୯ ଲାଖ୍ ନୁ ଅଏତ୍‌କା ଚାଷୀ ପଞ୍ଜିକରଣ୍ କରିଥିବାର୍ ବେଲେ ଇତାର୍ ସମୟସୀମାକେ ଆହୁରି ବଢ଼ାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସର୍‌କାରୀ ଯୋଜ୍‌ନାଥି ସାମିଲ୍ ହେବାର୍‌କେ ସବୁ ଚାଷୀ ଭାଇବହେନ୍ ମାନ୍‌କୁ ମୁଖ୍ୟମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଚାଷୀମାନ୍‌କର୍ ବିକାଶ୍ କର୍‌ବାର୍‌କେ ହେଲେ ଜଲସମ୍ପଦ୍‌ର ବ୍ୟବସ୍ଥା, ଧାନ୍ ସଂରକ୍ଷଣ୍‌ର ସୁବିଧା ଆର୍ ଚାଷ୍ କ୍ଷେତ୍ରକେ ଅଏତ୍‌କା ତୁର୍‌ତି କର୍‌ବାର୍ ଲକ୍ଷ୍ୟ ନେଇକରି ଭିନ୍ ଭିନ୍ ଦିଗ୍ ଉପ୍‌ରେ ଧ୍ୟାନ୍ ଦେବାର୍‌କେ ପଡ଼୍‌ବା ବଲି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂଦେଓ କହିଛନ୍ ।

ସିଏମ୍ କିଷାନ୍ ଯୋଜ୍‌ନାର୍ ୩ ନମ୍ବର୍ କିସ୍ତି ସାହଜ୍ ଟଙ୍କା ପାଇକରି ରାଜ୍ୟର୍ ୫୨ ଲାଖ୍ ଛୋଟ ଆଉ ନାମମାତ୍ର ଚାଷୀ ଉପକୃତ ହେଇଛନ୍ । ଆଏବା ରବି ଋତୁଥି ଚାଷୀମାନ୍‌କର୍ ଲାଗି ଇ ସାହାଜ୍ ଟଙ୍କା ବିଶେଷ୍ ଭାବେ ସହଯୋଗ୍ କରବା ବଲି କୃଷି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ସିଏମ୍ କିଷାନ୍-ଜିଲ୍ଲା/ ସମ୍ବଲ୍‌ପୁର୍/ ବର୍‌ଗଡ଼୍/ ଦେବ୍‌ଗଡ଼୍/ ବୌଦ୍ଧ

ସମ୍ବଲ୍‌ପୁର୍ ତପସ୍ୱିନୀ ହଲ୍ ଠାନେ ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ସିଏମ୍ କିଷାନ୍ ଯୋଜ୍‌ନାର୍ ୩ ନମ୍ବର୍ କିସ୍ତି ସାହାଜ୍ ଟଙ୍କା ହିତାଧିକାରୀମାନ୍‌କୁ ବଂଟାଯାଇଛେ । କାର୍ଯ୍ୟକ୍ରମ୍‌ଥି ପଂଚାୟତିରାଜ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଇ ଟଙ୍କା ଚାଷୀମାନ୍‌କୁ ଚାଷ୍ କର୍‌ବାର୍ ଦିଗେ

ସାହାଜ୍ କର୍‌ବା ବଲି କହିଛନ୍ । ସମ୍ବଲ୍‌ପୁର୍ ଜିଲ୍ଲା ନ ୯୦ ହଜାର୍ ୯ ଶହ ୭୦ ଝନ୍ ଛୋଟ ଆଉ ନାମମାତ୍ର ଚାଷୀ ଆର୍ ୮ ଶହ ୨୫ ଝନ୍ ଭୂମିହୀନ ଚାଷୀଙ୍କୁ ଇ ଟଙ୍କା ବଂଟାଯାଇଛେ ।

ବର୍‌ଗଡ଼୍ ଜିଲ୍ଲା ବିଜୁ ପଟ୍ଟନାୟକ୍ ଟାଉନ୍‌ହଲ୍ ଠାନେ ଆଏଜ୍ ସିଏମ୍ କିଷାନ୍‌ର ୩ ନମ୍ବର୍ କିସ୍ତି ସାହାଜ୍ ଟଙ୍କା ବାଂଟ୍‌ବାର୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍, ବର୍‌ଗଡ଼୍, ଭଟ୍‌ଲି ଆଉ ଅତାବିରା ବିଧାୟକ୍, ବର୍‌ଗଡ଼୍ ଜିଲ୍ଲାପାଲ୍ ପ୍ରମୁଖ ଯୋଗ୍ ଦେଇକରି ଜିଲ୍ଲାର୍ ୫ ଝନ୍ ଚାଷୀଙ୍କୁ ସମ୍ମାନିତ୍ କରିଥିଲେ ।

ଦେବ୍‌ଗଡ଼୍ ଜିଲ୍ଲା ପରିଷଦ୍ ସମ୍ମିଲନୀ କକ୍ଷ ନ ଆଏଜ୍ ସିଏମ୍ କିଷାନ୍ ଯୋଜ୍‌ନାର୍ ୩ ନମ୍ବର୍ କିସ୍ତି ସାହାଜ୍ ଟଙ୍କା ବାଂଟ୍‌ବାର୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲାନୁ ୪୬ ହଜାର୍ ୬ ଶହ ୮୮ ହଜାର୍ ଚାଷୀ ଭାଏବହେନ୍ ମାନ୍‌କୁ ଡିବିଟି ଜରିଏ ଇ ସାହାଜ୍ ଟଙ୍କା ଦିଆଯାଇଛେ ।

ବୌଦ୍ଧ ଟାଉନ୍‌ହଲ୍ ଠାନେ ଜିଲ୍ଲାସ୍ତରୀୟ ସିଏମ୍ କିଷାନ୍ ଯୋଜ୍‌ନାଥି ସାହାଜ୍ ଟଙ୍କା ବାଂଟ୍‌ବାର୍ ଉତ୍ସବ୍ ପାଲିତ୍ ହେଇଯାଇଛେ । ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ସର୍‌କାରୀ ଦଲର୍ ମୁଖ୍ୟ ସଚେତକ ଆଉ ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍,

ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ହିତାଧିକାରୀମାନ୍‌କୁ ସାହାଜ୍ ଟଙ୍କା ବାଂଟିଛନ୍ ।

ଅଧ୍ୟକ୍ଷ ଜାତୀୟ ସମ୍ମିଲନୀ      ଏନ୍‌ଏସ୍‌ଡି

ସଂସଦ୍ ଆଉ ରାଜ୍ୟ ବିଧାନ୍‌ସଭାର ଅନୁସୂଚିତ ଜାତି ଆଉ ଜନଜାତି କଲ୍ୟାଣ୍ ଉପ୍‌ରେ ହେଇଥିବା ଭିନ୍ ଭିନ୍ ସମିତିର୍ ଅଧ୍ୟକ୍ଷ ମାନ୍‌କର୍ ୨ ଦିନିଆ ଜାତୀୟ ସମ୍ମିଲନୀ ଆଏବା ଶୁକ୍ରବାର୍ ଦିନ ଭୁବ୍‌ନେଶ୍ୱର୍ ନ ମୁଲ୍ ହେବା । ଲୋକ୍‌ସଭା ବାଚସ୍ପତି ଓମ୍ ବିର୍ଲା ସମ୍ମିଲନୀକେ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । ଶ୍ରୀ ବିର୍ଲା ଇ ଅବ୍‌ସରେ ଗୁଟେ ପ୍ରଦର୍ଶନୀକେ ଉଦ୍‌ଘାଟନ୍ କର୍‌ବାର୍ ସହେତେ ସ୍ମରଣିକାକେ ଭିଲ୍ ଉନ୍ମୋଚନ୍ କର୍‌ବେ । ‘ଅନୁସୂଚିତ ଜାତି ଆଉ ଜନଜାତିଙ୍କର୍ କଲ୍ୟାଣ୍, ବିକାଶ୍ ଆଉ ସଶକ୍ତିକରଣ୍‌ଥି ସଂସଦୀୟ ଆଉ ବିଧାନ୍‌ସଭା ସମିତି ମାନ୍‌କର୍ ଭୂମିକା’ ବାବ୍‌ଦେ ଇ ସମ୍ମିଲନୀ ହେବା । ଉଦ୍‌ଘାଟନୀ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କେନ୍ଦ୍ର ଆଦିବାସୀ ବ୍ୟାପାର୍ ମନ୍ତ୍ରୀ ଜୁଏଲ୍ ଓରାମ୍, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ୍ ପ୍ରମୁଖ

ଯୋଗ୍‌ଦେବାର୍ କାର୍ଯ୍ୟସୂଚୀ ରହିଛେ । ପହେଲାଥର୍ ଲାଗି ଇ ସମ୍ମିଲନୀ ଦିଲ୍ଲୀ ବାହାରେ କରାଯାଉଛେ ।

ଘଟଗାଁ ମା ତାରିଣୀଙ୍କର୍ ପୀଠ-ମୁଖ୍ୟମନ୍ତ୍ରୀ I&PR

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଘଟଗାଁ ମା ତାରିଣୀଙ୍କର୍ ପୀଠର୍ ସମନ୍ୱିତ ବିକାଶ୍ କାମ୍ ବାବ୍‌ଦେ ସମୀକ୍ଷା କରିଛନ୍ । ସୂଚ୍‌ନା ଅନ୍‌ସାରେ ଘଟଗାଁ ତାରିଣୀ ମନ୍ଦିର୍ ବିକାଶ୍ ଆଉ ସୌନ୍ଦର୍ଯ୍ୟୀକରଣ୍ କାମ୍ ୫୯ ଏକଡ଼୍ ଇଲାକା ନ କାର୍ଯ୍ୟକାରୀ କରାଯାଉଛେ । ଇଥିର୍‌ଲାଗି ୨ ଶହ ୧୫ କୋଟି ଟଙ୍କା ଖର୍ଚ୍ଚା କରାଯିବା । ମନ୍ଦିର୍ ଚାର୍‌ହିଆଡ଼୍‌ର୍ ଉନ୍ନତି ଲାଗି ସ୍ଥାନୀୟ ବାସିନ୍ଦାଙ୍କର୍ ମତାମତ୍ ନେବାର୍‌କେ ମୁଖ୍ୟମନ୍ତ୍ରୀ ଆଘୋନୁ ପରାମର୍ଶ ଦେଇଥିଲେ । ଇତାର୍ ଆଧାର୍‌ଥି ପ୍ଲାନ୍‌ଥି ସଂଶୋଧନ୍ କର୍‌ବାର୍ ଲାଗି ଆଏଜ୍ ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ ।

ଶିକ୍ଷାମନ୍ତ୍ରୀ-ଢେଙ୍କାନାଲ୍, ଅନୁଗୁଲ ଏକ୍ସ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ଢେଙ୍କାନାଲ୍ ଆର୍ ଅନୁଗୁଲ୍ ଜିଲ୍ଲା ଗସ୍ତ କରିକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେଇଛନ୍ । ପବିତ୍ର ଗଣେଶ୍ ପୂଜା ଅବ୍ସରେ ମନ୍ତ୍ରୀ ଶ୍ରୀ ପ୍ରଧାନ୍ ଢେଙ୍କାନାଲ୍ ଶିବପୁର୍ ଠାନେ ଏକ୍ ପେଡ୍ ମା କେ ନାମ୍ ଅଭିଯାନ୍ର ୨ ନମ୍ବର୍ ଖେପେ ବୃକ୍ଷରୋପଣ୍ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେଇଛନ୍ । ତାଙ୍କର୍ ଗସ୍ତ ସମିଆଥି କଣିହାଁ ଠାନେ ତାଲ୍ଚେର୍ ପ୍ରଜାମଣ୍ଡଲ୍ ସହୀଦ୍ ସ୍ମୃତି ସ୍ତମ୍ଭ ନ ଶ୍ରଦ୍ଧାଞ୍ଜଳି ଅର୍ପଣ୍ କର୍ବାର୍ ସହେତେ ପିଏମ୍ଶ୍ରୀ ପବିତ୍ର ମୋହନ୍ ସର୍କାରୀ ଉଚ୍ଚମାଧମିକ୍ ବିଦ୍ୟାଳୟର୍ ଭିନ୍ ଭିନ୍ ପ୍ରକଳ୍ପର୍ ଉଦ୍ଘାଟନ୍ ଆଉ ଭିତିପ୍ରସ୍ତର୍ ଥାପ୍ନା କରିଛନ୍ ।

ଗଣେଶ ପୂଜା        ଆର୍ଏନ୍ୟୁ ସମ୍ବଲପୁର୍

ଆଏଜ୍ ହେଉଛେ ଭୁଦୋ ମାସର୍ ଉଜଲ୍ପଖର୍ ଚତୁର୍ଥୀ, ଅଗ୍ରପୂଜ୍ୟ  ବିଘ୍ନ ବିନାଶକ ଗଣେଶ୍ ମାହାପୁରୁଙ୍କର୍ ପୂଜା । ଗଣେଶ୍ ପୂଜା ଉତ୍ରୁ ବଛର୍ ଯାକର୍ ଧାର୍ମିକ୍ ଉତ୍ସବ୍, ଯଜ୍ଞ ପୂଜା ଆର୍ ଶୁଭ୍ କାମ୍ ହେସି । ରାଜ୍ୟର୍ ଗାଁ ସହର୍ ସବୁନ ଆର୍ ସ୍କୁଲ୍ କଲେଜ୍ଥି ଗଣେଶ୍ ପୂଜା କରାଯାଇଛେ । ଦେଶର୍ ଭିନ୍ ଭିନ୍ ଜାଗା ଭିଲ୍ ଆଏଜ୍ଠାନୁ ୧୧ ଦିନିଆ ଗଣେଶପୂଜା ମୂଲ୍

ହେଇଛେ । ମହାରାଷ୍ଟ୍ର ନ ଗଣେଶ ପୂଜାକେ ଗୁଟେ ବଡ଼ ପରବ ଭାବେ ମନାୟାଏସି ।

ଗଣେଶ୍ ଚଉଠି ଅବ୍ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶ୍ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ବ୍ୟକ୍ତି ନିର୍ମାଣ ଆଉ ରାଷ୍ଟ୍ରନିର୍ମାଣ୍ର ରାସ୍ତାଥି ଆସୁଥିବା ସବୁ ବାଧା ବିଘ୍ନକେ ହରଣ୍ କର୍ବାର୍ ସହେତେ ବିଘ୍ନହର୍ତାଙ୍କର୍ ଆଶିର୍ବାଦ୍ନୁ ଦେଶ୍ବାସୀ ପରିବେଶ୍ ଅନୁକୂଲ୍ ଜୀବନ୍ଶୈଲୀ ଅପ୍ନେଇକରି ସଶକ୍ତ ଭାରତ୍ ନିର୍ମାଣ୍ଥି ନିଷ୍ଠାର୍ ସହେତେ କାମ୍ କରୁନ୍ ବଲି ରାଷ୍ଟ୍ରପତି କହିଛନ୍ ।

ସେନ୍ତା ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ, ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆର୍ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଭିଲ୍ ଗଣେଶ୍ ଚଉଠି ଅବ୍ସରେ ସମ୍କୁ ଶୁଭେଚ୍ଛା ଜନେଇଛନ୍ ।

ଗଣେଶ୍ ପୂଜା  ଦେବ୍ଗଡ଼୍/ସୁବର୍ଣ୍ଣପୁର/ନୂଆପଡ଼ା/ବୌଦ୍ଧ
ସମ୍ବାଦଦାତା

ଦେବ୍ଗଡ଼୍ ନ ଆଏଜ୍ଠାନୁ ୧୦ ଦିନିଆ ଗଣେଶ୍ମେଲା ମୁଲ୍ ହେଇଛେ । ଦେବ୍ଗଡ଼୍ ଗଣେଶ୍ ପୂଜା କମିଟି ତର୍ଫୁ ପ୍ରଧାନ୍ପାଟ୍ ନ ଥିବା ମା ପ୍ରଧାନ୍ ପାଟେଶ୍ୱରୀଙ୍କର୍ ପୀଠ ନ ପୂଜା ଉତ୍ରୁ ପ୍ରଧାନ୍ପାଟ୍ ନୁ ଗୁଟେ କଲସ୍ ଶୋଭାଯାତ୍ରା ବାହାରିକରି

ପୂଜା ମଣ୍ଡପ୍ ନ ଥାପ୍‌ନା କରାଯାଇଛେ । ଗଣେଶ୍ ମେଲା ଲାଗି ସାରା ଦେବ୍‌ଗଡ଼୍ ସହର୍‌କେ ରକମ୍ ରକମ୍‌ର ଆଲୋକମାଳା ଆର୍ ତୋରଣ୍‌ଥି ସଜାଯାଇଛେ । ପୂଜା କମିଟି ତର୍‌ଫୁ ଭକ୍ତମାନ୍‌କର୍ ଲାଗି ଅନ୍ନଭୋଗ୍‌ର ବ୍ୟବସ୍ଥା ହେଇଛେ । ଇ ବଛର୍ ଦେବ୍‌ଗଡ଼୍ ଗଣେଶ୍‌ପୂଜାର୍ ୭୭ ବଛର୍ ପୂର୍ତି ଅବ୍‌ସରେ ବିଶେଷ ଯାକ୍‌ଜମକ୍‌ଥି ପାଲନ୍ କରାଯାଉଛେ ।

ସମ୍ବଲ୍‌ପୁର୍ ଜିଲ୍ଲାର୍ ସବୁ ଶିକ୍ଷାନୁଷ୍ଠାନ୍ ଆର୍ ପଡ଼ା ପାଟ୍‌କେ ଭିନ୍ ଭିନ୍ ଜାଗା ନ ଅଗ୍ରପୂଜ୍ୟଙ୍କୁ ଥାପ୍‌ନା କରିକରି ପୂଜାର୍ଚ୍ଚନା ଚାଲିଛେ ।

ସୁବର୍ଣ୍ଣପୁର୍ ଜିଲ୍ଲା ନ ଉସତ୍ ଉସ୍‌ନାକିଥି ଗଣେଶ୍ ପୂଜା ପାଲନ୍ କରାଯାଉଛେ । ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ସୁସଜ୍ଜିତ୍ ପୂଜା ମଣ୍ଡପ୍ ମାନ୍‌କେ ଅଗ୍ରପୂଜ୍ୟଙ୍କର୍ ପାରମ୍ପରିକ୍ ପୂଜା ଆରାଧନା କରାଯାଉଛେ ।

ନୂଆପଡ଼ା ଜିଲ୍ଲାର୍ ଗାଁ ନୁ ସହର୍‌ତକ୍ ଗଣେଶ୍ ଚତୁର୍ଥୀ ଖୋବ୍ ଉସ୍‌ନାକିଥି ପାଲନ୍ କରାଯାଉଛେ । ଜିଲ୍ଲାର୍ ସବୁ ଶିକ୍ଷାନୁଷ୍ଠାନ୍ ସର୍‌କାରୀ, ବେସର୍‌କାରୀ ଅନୁଷ୍ଠାନ୍ ଆଉ କୋର୍ଟ କଚ୍‌ରୀ ନ ଗଜାନନଙ୍କର୍ ପୂଜା କରାଯାଇଛେ ।

ସାରା ବୌଦ୍ଧ ଜିଲ୍ଲା ଗଣେଶଙ୍କର୍ ପୂଜାର୍ ଲାଗି ଉତ୍ସବ୍ ମୁଖର୍ ହେଇଛେ । ଜିଲ୍ଲାର୍ ବହୁତ୍‌ଟେ ପୂଜା ମଣ୍ଡପ୍ ନ ଆନନ୍ଦ, ଉଲ୍ଲାସ୍ ଥି ଗଣେଶ୍‌ଙ୍କର୍ ପୂଜା କରାଯାଇଛେ ।

ନୂଆଖାଇ	ସମ୍ବଲପୁର/ସୁବର୍ଣ୍ଣପୁର/ନୂଆପଡ଼ା

ସଖାଲ୍ ପାଏଲେ ଗଣପର୍ବ ନୂଆଖାଇ । ହେଥିର୍‌ଲାଗି ସମ୍ବଲ୍‌ପୁର୍, ସୁବର୍ଣ୍ଣପୁର୍, ନୂଆପଡ଼ା ସହେତେ ସାରା ପଶ୍ଚିମ ଓଡ଼ିଶାର୍ ଗାଁ ନୁ ସହର୍ ଗହଲ୍ ଚହଲ୍ ହେଇଛେ । ନିଜର୍ ପରିବାର୍ ଲୁକ୍‌କର୍ ସାଙ୍ଗେ ନୂଆ ଖାଏବାର୍‌କେ ବାହାରେ କାମ୍‌ଧାମ୍ ଆର୍ ପାଠ୍ ପଢୁଥିବା ଲୁକେ ଘର୍‌ମାନ୍‌କୁ ପୁହୁଁଚିଛନ୍ । ଇ ବାବ୍‌ଦେ ଶୁନୁନ୍ ଗୁଟେ ରିପୋର୍ଟ....

(ଭଏସ୍ ଓଭର୍-ସୁପ୍ରିତି ମିଶ୍ର)

*ନୂଆଖାଇ ଲାଗି ଘରୁ ନେଇକରି ବଜାର୍ ହାଟ୍ ତକ୍ ଜବର୍ ଉସ୍‌ନାକି ଦେଖିବାର୍‌କେ ମିଳିଛେ । ଆଏଜ୍ ଜାଗା ଜାଗା ନୂଆଖାଇ ହାଟ୍ ବସିଛେ । ସେଆଡ଼େ ଗାଁମାନ୍‌କୁ ଝାଁକର୍‌ମାନେ ଲୋକ୍‌ମାନ୍‌କର୍ ଘରେ ପୁହୁଁଚିକରି ନୂଆଁ ଧାନ୍ ଖେଡ଼୍ ଦେଇଛନ୍ ।*

*ଆଏବା କାଏଲ୍ ଭୁଦୋ ମାସର୍ ଉଜଲ୍ ପଖର୍ ପଂଚ୍‌ମୀ ତିଥିଥି  ନିଜର୍ ନିଜର୍ ଇଲାକାର୍ ଦେ ଦେବ୍‌ତାଙ୍କର୍ ରାଶି ଅନ୍‌ସାରେ ଧାରିଜ୍ ଲଗନ୍‌ଥି ଦେ ଦେବ୍‌ତାଙ୍କୁ ନୂଆଁ ଲଗାଲା ଉତ୍‌ରୁ ଲୁକେ ନିଜର୍ ଘରେ ନୂଆ ଖାଏବେ । ସମ୍ବଲ୍‌ପୁର୍ ନ ଇଷ୍ଟଦେବୀ ମା ସମଲେଇଙ୍କର୍ ଠାନେ ନୂଆଖାଇ ଲାଗି ସବୁ ପ୍ରକାରର୍ ପ୍ରସ୍ତୁତି ସରିଛେ । ମା'ଙ୍କର୍ ଅଲଙ୍କାର୍ ସଫେଇ କାମ୍ ସରିଥିବାର୍ ବେଲେ ସରିଆ ଧାନ୍ ମନ୍ଦିର୍ ନ ପୁହୁଁଚି ସାରିଛେ ।*

ପୂଜକ୍ ମାନ୍‌କର୍ ଘରେ ପ୍ରସ୍ତୁତି ଚାଲିଥିବାର୍ ବେଲେ ଘରେ ଘରେ ପ୍ରସ୍ତୁତି ଶେଷ୍ ଖେପେ ପୁହୁଁଚିଛେ । ମା ସମଲେଶ୍ୱରୀଙ୍କର୍ ଠାନେ ସଖାଲର୍ ୧୦ ବାଜିକରି ୩୩ ମିନିଟ୍‌ନୁ ୧୦ ବାଜିକରି ୫୫ ମିନିଟ୍ ଭିତ୍‌ରେ ମା ସମଲେଇଙ୍କର୍ ଠାନେ ନୂଆ ଲଗାଯିବା । ଇ ବାବ୍‌ଦେ ଅଏତ୍‌କା ସୂଚ୍‌ନା ଦଉଛନ୍ ଆମର୍ ସମ୍ବଲ୍‌ପୁର୍ ସମ୍ବାଦଦାତା....

(ଭଏସ୍ ଓଭର୍-ଗୁଣମଣି ବିଶ୍ୱାଲ୍)